# ସମୃଦ୍ଧିର ଉଦ୍ୟାନ



ଦିନେ ସକାଳେ –
ସେମାନେ ନବବିବାହିତ ଆୟାନ ଏବଂ ମେହେର ନା? ସେମାନେ ବହୁତ ଚିନ୍ତାଗ୍ରସ୍ତ ଲାଗୁଛନ୍, ବୀରବଲ।ତି, ବୀରବଲ।
ହଁ, ମହାରାଜା। ସେମାନଙ୍କ ଜୀବନରେ କିଛି ସମସ୍ୟା ହୋଇଥିବା ପରି ଲାଗୁଛି।
ସେମାନେ ଅନୁସନ୍ଧାନ କରିବାକୁ ସ୍ଥିର କଲେ –
ମହାରାଜ, ଆମେ ଭାଗ୍ୟବାନ ଯେ ଆମକୁ ଏକ ଭଲ ଜୀବନ ମିଳିଛି, କିନ୍ତୁ...
କିନ୍ତୁ? ତୁମେ ଦୁହେଁ କାହିଁକି ଚିନ୍ତାଗ୍ରସ୍ତ?
ମହାରାଜ, ଆମ ସମ୍ପର୍କୀୟମାନେ ଆମ ବିବାହ ପାଇଁ ବହୁତ ଟଙ୍କା ଉପହାର ଦେଇଛନ୍ତି। ଆମେ ଏହା ନିବେଶ କରିବାକୁ ଚାହୁଁଛୁ...
... କିନ୍ତୁ ଦ୍ୱନ୍ଦ୍ୱରେ ପଡ଼ୁଛୁ ଯେ କେମିତି ଏହା କରିବୁ।
ଏଇ କଥା?! ବ୍ୟସ୍ତ ହୁଅ ନାହିଁ। ମନ୍ତ୍ରୀ ମହୋଦୟ ଆପଣଙ୍କୁ ସାହାଯ୍ୟ କରିବେ।
ମୋତେ କହିଲ, ଆୟାନ, ମେହେର, ତୁମେ ଉଦ୍ୟାନ କାର୍ଯ୍ୟ କରିବାକୁ ଭଲ ପାଅ କି?
ଉଦ୍ୟାନ କାମ?!
ମନ୍ତ୍ରୀ ମହୋଦୟ, ଆର୍ଥିକ ଯୋଜନା ସହିତ ଉଦ୍ୟାନ କାର୍ଯ୍ୟର କ'ଣ ସମ୍ପର୍କ ରହିଛି?
ସବୁ ପ୍ରକାରେ, ମୋର ଯୁବବନ୍ଧୁମାନେ! ବଗିଚାର ଯତ୍ନ ନେବା ପରି ସମ୍ପତ୍ତି ବୃଦ୍ଧି ହୋଇଥାଏ।


ଏବେ, ଆମେ ଏହି ଚାରା ଗଛଗୁଡ଼ିକ ଲଗାଇବା କି?
ଠିକ୍ ଅଛି ମୁଁ ଆଉ କିଛି କୁଣ୍ଡ ଆଣୁଛି।
କାହିଁକି? ଆମେ ସବୁକୁ ଗୋଟିଏ କୁଣ୍ଡରେ ଲଗାଇ ପାରିବା। ଏଥିରେ ବହୁତ ଖାଲି ଜାଗା ଅଛି।
କିନ୍ତୁ ସେଗୁଡ଼ିକ ଭଲ ଭାବରେ ବଢ଼ିବ ନାହିଁ। ସେଗୁଡ଼ିକର ଆବଶ୍ୟକତା ଭିନ୍ନ ଭିନ୍ନ ହୋଇଥାଏ।
ଏହା ସହିତ ମଧ୍ୟ ଯଦି ଗୋଟିଏ ଗଛ ନଷ୍ଟ ହୋଇଯାଏ, ତେବେ ଅନ୍ୟ ଗଛଗୁଡ଼ିକ ମଧ୍ୟ ନଷ୍ଟ ହୋଇପାରନ୍ତି।। ତେଣୁ ଆମେ ସେଗୁଡ଼ିକୁ ଅଲଗା ଅଲଗା ଲଗାଇବା ଆବଶ୍ୟକ।
ଏକ୍ଦମ୍ ଠିକ୍! ଏହି ଚାରା ଗଛଗୁଡ଼ିକ ଆପଣଙ୍କ ଜୀବନର ଲକ୍ଷ୍ୟ ପରି ହୋଇଥାଏ, ପ୍ରତିଟି ଆବଶ୍ୟକ କରିଥାଏ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଏବଂ ଆର୍ଥିକ ଯୋଜନା। ଠିକ୍ ଯେମିତି ଭିନ୍ନ ଭିନ୍ନ ଚାରା ଗଛ ବଢ଼ିବା ପାଇଁ ଅଲଗା ଅଲଗା କୁଣ୍ଡ ଦରକାର ହୋଇଥାଏ।
ସନ୍ତାନର ଜନ୍ମ
ଘର
ଭ୍ରମଣ
ଶିକ୍ଷା
ଭବିଷ୍ୟତ
ଭିନ୍ନ ଭିନ୍ନ ଲକ୍ଷ୍ୟ ପାଇଁ ଭିନ୍ନ ଭିନ୍ନ ଯୋଜନା ଆବଶ୍ୟକ ହୋଇଥାଏ!
କିନ୍ତୁ କେଉଁ ପ୍ଲାନ୍ ବା ଯୋଜନାଟି ବାଛିବା ଆମେ କିପରି ଜାଣିବା?
ଏହି ଚାରାଗଛଗୁଡ଼ିକ ମଧ୍ୟରୁ କେତେକ ବଢ଼ିବା ପାଇଁ ନିୟମିତ ପାଣି ଦେବା ଓ ସୂର୍ଯ୍ୟାଲୋକ ଆବଶ୍ୟକ ହୋଇଥାଏ, ଯେତେବେଳେ କି ଆଉ କିଛି ପାଇଁ କମ୍ ପାଣି ଦରକାର ପଡ଼ିଥାଏ। କିଛି ଗଛ ଶୀଘ୍ର ବଢ଼େ, ଆଉ କିଛି ଗଛକୁ ଫଳ ଧରିବା ପାଇଁ ବର୍ଷ ଲାଗିଯାଏ।


ଠିକ୍ ସେହିପରି ଭାବରେ, କେତେକ ପ୍ଲାନ୍ କ୍ଷୁଦ୍ର ସମୟ ଅବଧି ମଧ୍ୟରେ ନିର୍ଦ୍ଧାରିତ ଆୟ ପ୍ରଦାନ କରିଥାଏ। ଏପରି ପ୍ଲାନଗୁଡ଼ିକ ଆପଣଙ୍କର ତତ୍କାଳ ଲକ୍ଷ୍ୟ ପାଇଁ ବ୍ୟବହାର କରାଯାଇପାରିବ।
ଅନ୍ୟ ପ୍ଲାନଗୁଡ଼ିକ ପାଇଁ ଦୀର୍ଘତର ଅବଧି ପାଇଁ ନିୟମିତ ଭାବରେ ଟଙ୍କା ଜମା କରିବା ଆବଶ୍ୟକ ହୋଇଥାଏ କିନ୍ତୁ ଏହା ଏକକାଳୀନ ଲାଭ ପ୍ରଦାନ କରିପାରେ।
ଯେମିତି ଗୋଟିଏ ଆମ୍ବ ଚାରା ବଢ଼ି ଗଛ ହୋଇ ଅସଂଖ୍ୟ ଆମ୍ବ ଦେଉଥାଏ।
ଆମେ ଭବିଷ୍ୟତରେ ଫଳ ଅମଳ କରିବା ପାଇଁ କେବଳ ଏହାର ଯତ୍ନ ନେବା ଆବଶ୍ୟକ ହୋଇଥାଏ।
କିନ୍ତୁ ସଦାସର୍ବଦା, ଏକ 'ଆକସ୍ମିକ ପରିସ୍ଥିତି ପାଇଁ କୁଣ୍ଡ' ହାତ ପାଆନ୍ତାରେ ରଖାଯିବା ଆବଶ୍ୟକ ଯାହାଫଳରେ ଅପ୍ରତ୍ୟାଶିତ କ୍ଷତି ଘଟଣାରେ ଆପଣଙ୍କ 'ଚାରା ଗଛ' କ୍ଷତିଗ୍ରସ୍ତ ହୋଇନଥାଏ।
ଓହୋ! ଠିକ୍ ଯେମିତି ଜରୁରୀକାଳୀନ ପରିସ୍ଥିତି ପାଇଁ କିଛି ପାଣି ରଖିବା।
ତେଣୁ, ବନ୍ଧୁମାନେ ଆପଣଙ୍କ 'ସ୍ୱପ୍ନ'ର ବୀଜ ବୁଝି ବିଚାର ବୁଣନ୍ତୁ।
ଏବଂ ଧୈର୍ଯ୍ୟର ସହ ନିୟମିତ ଭାବରେ ସେହି ଦିଗରେ କାର୍ଯ୍ୟ କରନ୍ତୁ।
ଆମ 'ନିବେଶ ଉଦ୍ୟାନ' ଖୁବ୍ ଶୀଘ୍ର ପୁରା ପ୍ରସ୍ଫୁଟିତ ହେବ!
ତାହା ପରେ ଆମ୍ଭେମାନେ ଆମର 'ସମୃଦ୍ଧିର ଉଦ୍ୟାନ'ରେ ବିଚରଣ କରିବାର ଆନନ୍ଦ ଉପଭୋଗ କରିପାରିବା!

# କାର୍ଯ୍ୟକଳାପ

ଆୟାନ ଏବଂ ମେହେର ଚିନ୍ତାରେ ପଡ଼ିଯାଇଛନ୍ତି। ଏହି ଉପହାର ରାଶି ବ୍ୟବହାର କରିବା ପାଇଁ ସେମାନଙ୍କ ପାଖରେ ତିନୋଟି ବିକଳ୍ପ ରହିଛି କିନ୍ତୁ ତାଙ୍କ ଟଙ୍କା ବଢ଼ିବା ପାଇଁ କେବଳ ଗୋଟିଏ ସହାୟକ ହୋଇପାରିବ। ସେମାନଙ୍କୁ ସଠିକ ବିକଳ୍ପ ବାଛିବାରେ ସାହାଯ୍ୟ କରନ୍ତୁ।



**ବିକଳ୍ପ 1:** ଯାଞ୍ଚ ହୋଇନଥିବା ଅନଲାଇନ୍ କିମ୍ବା ସୋସିଆଲ ମିଡିଆରୁ ସୂଚନା ଆଧାରରେ ନିବେଶ କରନ୍ତୁ

**ବିକଳ୍ପ 2:** ଏହି ଅର୍ଥ ଜଣେ ସମ୍ପର୍କୀୟଙ୍କୁ ପ୍ରଦାନ କରିବେ ଯେ କି ନିବେଶ କରିବା ବିଷୟରେ ଜାଣନ୍ତି



**ବିକଳ୍ପ 3:** SEBI ପଞ୍ଜିକୃତ ନିବେଶ ପରାମର୍ଶଦାତାଙ୍କ ସହାୟତାରେ ନିବେଶ କରନ୍ତୁ

ଆୟାନ ଏବଂ ମେହେରଙ୍କୁ ସେମାନଙ୍କ ଆର୍ଥିକ ଯୋଜନା ଏବଂ ନିବେଶରେ ସାହାଯ୍ୟ କରିବା ପାଇଁ ବୀରବଲ ପର୍ଯ୍ୟାୟକ୍ରମେ ନିର୍ଦ୍ଦେଶାବଳି ପ୍ରଦାନ କରିଛନ୍ତି। ଅବଶ୍ୟ, ଉତ୍ତେଜିତ ହୋଇ ଆୟାନ ଏବଂ ମେହେର ଏବେ ଗୋଲକଧନ୍ଦାରେ ପଡ଼ି ଯାଇଛନ୍ତି। ସଠିକ୍ କ୍ରମରେ ପର୍ଯ୍ୟାୟଗୁଡ଼ିକ ସ୍ଥାପିତ କରିବା ପାଇଁ ସେମାନଙ୍କ ସାହାଯ୍ୟ କରନ୍ତୁ।

- ☐ a. ବାଛିଥିବା ଯୋଜନାରେ ପରିମାଣ ନିବେଶ କରନ୍ତୁ
- ☐ ଆପଣଙ୍କର ବିପଦର ଆଶଙ୍କା ବହନ କରିବା କ୍ଷମତା ମୂଲ୍ୟାୟନ କରନ୍ତୁ
- ☐ c. ନିବେଶ ଲକ୍ଷ୍ୟଗୁଡ଼ିକ ଚିହ୍ନଟ କରନ୍ତୁ
- ☐ d. ନିବେଶ ଯୋଜନା ଏବଂ ପଦ୍ଧତି ବିଷୟରେ ଅଧିକ ସୂଚନା ଏକତ୍ରିତ କରନ୍ତୁ
- ☐ e. ଆପଣଙ୍କ ନିବେଶ ପାଇଁ ଏକ ସମୟ ସୀମାର ଏକ ସୂଚୀ ପ୍ରସ୍ତୁତ କରନ୍ତୁ ଦୀର୍ଘ କାଳୀନ କିମ୍ବା କ୍ଷୁଦ୍ରକାଳୀନ



**ଉତ୍ତରଗୁଡ଼ିକ:** 1) ବିକଳ୍ପ 3: ଜଣେ ନିବେଶ ପରାମର୍ଶଦାତାଙ୍କ ସାହାଯ୍ୟରେ ନିବେଶ କରନ୍ତୁ।
2) ସଠିକ କ୍ରମ ହେଉଛି (c, b, e, d, a)